# Akashvani, Sambalpur

## SAMBALPURI NEWS BULLETIN

### 25 April 2025- 6.47- 6.52 am.

**********************************************

ପେହେଲ୍‌ଗାମ୍ ଆତଙ୍କ୍‌ବାଦୀ ଆକ୍ରମଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ପେହେଲ୍‌ଗାମ୍ ଆତଙ୍କ୍‌ବାଦୀ ଆକ୍ରମଣ୍ ଘଟ୍‌ନା ଉତ୍‌ରୁ ସୁରକ୍ଷା ସମ୍ପର୍କିତ କେବିନେଟ୍ କମିଟି ପାକିସ୍ତାନ୍ ବିରୋଧ୍‌ଥି ଯେନ୍ ପ୍ରକାର୍ କାର୍ଯ୍ୟାନୁଷ୍ଠାନ୍ ନେଲେ ପୁରା ସମର୍ଥନ୍ କରାଯିବା ବଲି ସବୁ ଦଲର୍ ନେତାମାନେ ସର୍‌କାର୍‌ଙ୍କୁ କହିଛନ୍ । ଗଲାକାଏଲ୍ ନୂଆଦିଲ୍ଲୀ ସଂସଦ୍ ଭବନ୍‌ଠାନେ ହେଇଥିବା ସର୍ବଦଲୀୟ ବୈଠକ୍‌ଥି ଯୋଗ୍ ଦେଇକରି ୧୩ ନୁ ଅଏତ୍‌କା ଦଲର୍ ନେତାମାନେ ସର୍‌କାର୍‌ଙ୍କୁ ଇ ପ୍ରକାରର୍ ଆଶ୍ୱାସନା ଦେଇଛନ୍ ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ସୂଚ୍‌ନା ଦେଇଛନ୍ ।

ସେଆଡ଼େ ସ୍ଥଲସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଆଏଜ୍ ଜମ୍ମୁ କାଶ୍ମୀର୍ ଯାଇକରି ସୁରକ୍ଷା ଥିତିର୍ ସମୀକ୍ଷା କର୍‌ବେ ।

ଜାତୀୟ ପଂଚାୟତିରାଜ୍ ପୁରସ୍କାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୩ -୨୪ ବଛର୍ ଲାଗି ଓଡ଼ିଶା ଫେର୍‌ଘାଏ ମର୍ଯ୍ୟାଦାଜନକ୍ ଜାତୀୟ ପଂଚାୟତିରାଜ୍ ପୁରସ୍କାର୍ ପାଇଛେ । ପଂଚାୟତ୍ ନିର୍ମାଣ୍ ଦିଗେ ଭଲ୍ କାମ୍ କରିଥିବାର୍ ଲାଗି 'ପଂଚାୟତ୍ କ୍ଷମତା ନିର୍ମାଣ୍ ସର୍ବୋତମ୍ ସଂସ୍ଥା' ବର୍ଗଥି ଓଡ଼ିଶାକେ ୩ ନମ୍ବର୍ ପୁରସ୍କାର୍ ମିଲିଛେ । ଗଲାକାଏଲ୍ ବିହାର୍‌ର ମଧୁବନୀ ଠାନେ ହେଇଥିବା ଜାତୀୟ ପଂଚାୟତିରାଜ୍ ଦିବସ୍-୨୦୨୫ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାକେ ଇ ପୁରସ୍କାର୍ ପ୍ରଦାନ୍ କରିଛନ୍ । ଲଗାତାର୍ ୩ ନମ୍ବର୍ ଥର ଓଡ଼ିଶା ଜାତୀୟ ପଂଚାୟତିରାଜ୍ ପୁରସ୍କାର୍ ପାଏବାର୍ ଗୌରବ୍ ଆନିଛେ । ସେନ୍ତା ମୟୁର୍‌ଭଞ୍ଜ୍ ଜିଲ୍ଲାର୍ କୁସୁମୀ ବ୍ଲକ୍ ହାଟଭଦ୍ରା ପଂଚାୟତ୍ ନିଜର୍ ଆୟ ସଂଗ୍ରହଥି ଭଲ୍ କାମ୍ କରିଥିବାର୍ ଲାଗି 'ଆତ୍ମନିର୍ଭରଶୀଳ ଗ୍ରାମ୍‌ପଂଚାୟତ୍' ବର୍ଗଥି ଦେଶର୍ ୨ ଲାଖ୍ ୫୦ ହଜାର୍ ପଂଚାୟତ୍‌କେ ପଛେ ପକେଇକରି ୨ ନମ୍ବର୍ ପଂଚାୟତ୍‌ର ମାଏନ୍‌ତା ପାଇଛେ ।

ପୁଲିସ୍ କର୍ମଚାରୀ ଭତା ବୃଦ୍ଧି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ପୁଲିସ୍ ବାହିନୀକେ ଅଏତ୍‌କା କ୍ରିୟାଶୀଳ କର୍‌ବାର୍ ଲକ୍ଷ୍ୟଥି ରାଜ୍ୟ ସର୍‌କାର୍ ପୁଲିସ୍ କର୍ମଚାରୀଙ୍କର୍ ଭତା ଆର୍ ପ୍ରୋତ୍ସାହନ୍ ଟଙ୍କା ବଢ଼େଇଛନ୍ । ଇ ବାବଦ୍ ଗୁଟେ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ କରିଛନ୍ । ପ୍ରସ୍ତାବ୍ ଅନ୍‌ସାରେ କନ୍‌ଷ୍ଟେବଲ୍ ଠାନୁ

ମୁଲ୍ କରିକରି ଇନ୍ସପେକ୍ଟର୍‌ତକ୍ ସବୁ ପୁଲିସ୍ କର୍ମଚାରୀମାନ୍‌କୁ ପୋଷାକ୍ ଭତା ୨ ଗୁନ୍ ବଡ଼ାଯାଇଛେ । ସେନ୍ତା କନ୍‌ଷ୍ଟେବଲ୍, ସିପାହୀ ଆର୍ ସମାନ୍ ରେଙ୍କ୍‌ର କର୍ମଚାରୀମାନ୍‌କର୍ ଲାଗି ଅଏତ୍‌କା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ୍ ଟଙ୍କା ସବୁନୁ ଜହ ୨୫ ହଜାର୍‌କେ ବଢ଼ାଯାଇଛେ । ହାବିଲ୍‌ଦାର୍ ଆର୍ ସମାନ୍ ରେଙ୍କ୍‌ର କର୍ମଚାରୀଙ୍କର୍ ଅଏତ୍‌କା ଡ୍ୟୁଟି ବାର୍ଷିକ୍ ପ୍ରୋତ୍ସାହନ୍ ଟଙ୍କା ୩୦ ହଜାର୍‌କେ ବଢ଼ାଯାଇଛେ ।

ଅଭିଯୋଗ୍ ଶୁଣାଣି- ପଞ୍ଜିକରଣ୍ I&PR

ଆଏବା ୨୮ ତାରିଖ୍ ସୋମ୍‌ବାର୍ ଦିନ ହେବାର୍‌କେ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ୍ ଶୁଣାଣି ଲାଗି ଆଏଜ୍ ଦିନର୍ ୧୧ ବଜେନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେବା । ଆଗ୍ରହୀ ଲୁକେ ଜନଶୁଣାଣି ପୋର୍ଟାଲ୍ janasunani.odisha.gov.inଜରିଏ ପଞ୍ଜିକରଣ୍ କରିପାର୍‌ବେ । ପଞ୍ଜିକରଣ୍ ପ୍ରାପ୍ତି ସ୍ୱୀକାର୍ ପତ୍ର ଆଉ ବ୍ୟକ୍ତିଗତ ପରିଚୟ ପତ୍ର ସହେତେ ନିଜର୍ ଅଭିଯୋଗ୍ ପତ୍ର ଧରିକରି ଧାରିଜ୍ ସମିଆଥି ଅଭିଯୋଗ୍ ଶୁଣାଣି ଶିବିର୍‌କେ ପୁହୁଁଚିବେ ବଲି ସାଧାରଣ୍ ଅଭିଯୋଗ୍ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ବିଶ୍ୱ ମେଲେରିଆ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ମେଲେରିଆ ଦିବସ୍ । ମେଲେରିଆକେ ଆଏତ୍ ଆର୍ ଦୂର୍ କର୍‌ବାର୍ ଲାଗି ୨୦୦୮ ମସିହାନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଫି ବଛର୍ ଆଝିର୍ ଦିନ୍‌କେ ମେଲେରିଆ ଦିବସ୍ ଭାବେ ପାଲନ୍ କରୁଛେ । ଲୁକଙ୍କର୍

ଭିତ୍‌ରେ ମେଲେରିଆ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ଲକ୍ଷ୍ୟ ଆଏ । ମେଲେରିଆ ଦିବସ୍‌ର ଇ ବଛ୍‌ରର୍ ବାର୍ତା ରହିଛେ 'ଆମର୍ ସାଙ୍ଗେ ମେଲେରିଆର୍ ଅନ୍ତ ହେବା: ପୁନଃବିନିଯୋଗ, ପୁନଃଚିନ୍ତନ, ପୁନଃଜାଗରଣ୍' ଇ ବିଷେକେ ନେଇକରି ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ ହଉଛେ । ମେଲେରିଆ ନିରାକରଣ ଲାଗି କାର୍ଯ୍ୟକ୍ରମ୍ - ଦମନ୍‌ର ପରିକଳ୍ପନା କରାଯାଇଥିଲା । ୨୦୩୦ ମସିହା ତକ୍ ଦେଶ୍‌କେ ପୁରା ମେଲେରିଆ ମୁକ୍ତ କର୍‌ବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।

ବୌଦ୍ଧ ଧାନ୍ ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ବୌଦ୍ଧ ଜିଲ୍ଲା ନ ମେ ୨୭ ତାରିଖ୍‌ନୁ ୨୦୨୪-୨୫ ଆର୍ଥିକ୍ ବଛ୍‌ରର୍ ଡାଲୁଆ ଧାନ୍ ଘିନା ମୁଲ୍ ହେବା । ଇ ପ୍ରକ୍ରିୟା ଜୁନ୍ ୩୦ ତାରିଖ୍‌ତକ୍ ଚାଲ୍‌ବା ବଲି ଗଲାକାଏଲ୍ ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ଧାନ୍ ସଂଗ୍ରହ କମିଟି ବୈଠକ୍‌ଥି ଧାରିଜ୍ କରାଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି ମିଲର୍ସ ଆଉ ଚାଷୀମାନ୍‌କର୍ ଭିତ୍‌ରେ ସମନ୍ୱୟ ରଖିକରି ଧାନ୍‌ଘିନା ସୁରୁଖୁରୁଥି ସାର୍‌ବାର୍‌କେ ପରାମର୍ଶ ଦେଇଛନ୍ । କଂଟାମାଲ୍

ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ୍ ସବୁ ପ୍ରକ୍ରିୟା ଫଟିକ୍ ଭାବେ କର୍ବାର୍ ଲାଗି କହିଛନ୍ ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲ୍ପୁର୍

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ଜବର୍ ଖରା ନେଇକରି ସମ୍ବଲ୍ପୁର୍ ଆର୍ ବଲାଙ୍ଗିର୍ ଜିଲ୍ଲା ଲାଗି ସତର୍କ ସୂଚ୍ନା ଜାରି କରାଯାଇଛେ । ସେନ୍ତା ଝାର୍ସୁଗୁଡ଼ା, ବୌଦ୍ଧ, ବର୍ଗଡ୍, ନୂଆପଡ଼ା, ସୁନ୍ଦର୍ଗଡ୍ ଆର୍ ସୁବର୍ଣ୍ଣପୁର୍ ଜିଲ୍ଲାକେ ଭିଲ୍ ଗ୍ରୀଷ୍ମ ଲହରୀ ଲାଗି ପାଣିପାଗ କେନ୍ଦ୍ର ସତର୍କ କରିଛେ । ଆଏବା ୨ ଦିନ୍ ତକ୍ ଏନ୍ତା ଖରା ଲାଗି ରହେବା ତାର୍ ଉତ୍ରୁ ଧୁକାଗର୍ଡ଼ି ଆର୍ ବର୍ଷା ଲାଗି ତାତି ୨ ନୁ ୪ ଡିଗ୍ରୀତକ୍ କମ୍ବା ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।
ଗଲାକାଏଲ୍ ରାଜ୍ୟର୍ ୧୬ ଟା ଜାଗାର୍ ତାପମାତ୍ରା ୪୦ ଡିଗ୍ରୀ ସେଲ୍ସିଅସ୍ ଉପ୍ରେ ରହିଥିବାର୍ ବେଲେ ଝାର୍ସୁଗୁଡ଼ା ନ ଦିନର୍ ସବୁନୁ ଜହ ତାତି ୪୫ ଦଶ୍ମିକ୍ ୨ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ ।